

# ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ, ପରିଚାଳନା ଓ ସ୍ଥାୟୀ ବ୍ୟବହାର ନିମନ୍ତେ ଗ୍ରାମସଭାର କ୍ଷମତା ଓ ଭୂମିକା

VASUNDHARA
democratizing natural resource governance

ବସୁନ୍ଧରା, ପ୍ଲଟ ନମ୍ବର ୧୭୩୧/ସି, ଦାଶ ମହାପାତ୍ର
କମ୍ପ୍ଲେକ୍ସ, ଭୁବନେଶ୍ୱର , ଓଡ଼ିଶା

# ପୁସ୍ତିକା ସମ୍ପର୍କରେ

ଏହି ପୁସ୍ତିକାଟି 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬', 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ, ୨୦୦୮ (ସଂଶୋଧିତ ନିୟମାବଳୀ ୨୦୧୨ ) ଓ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ତା:୧୨.୦୯.୨୦୨୩ରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, ଗ୍ରାମସଭାକୁ ତାହାର କ୍ଷମତା ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା ଓ ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ, ପରିଚାଳନା, ଏବଂ ସ୍ଥାୟୀ ବ୍ୟବହାରକୁ ସୁନିଶ୍ଚିତ କରାଇବା ।



# ଉପକ୍ରମ:

ପୁରୁଷାନୁକ୍ରମେ ଜଙ୍ଗଲଜମିରେ ରହିଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ, ସେମାନଙ୍କର ପାରମ୍ପରିକ ଅଧିକାର, ଯାହାକି ଆଇନଗତ ସ୍ୱୀକୃତି ମିଳିନଥିଲା, ଉକ୍ତ ଅଧିକାରଗୁଡ଼ିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ କେନ୍ଦ୍ର ସରକାର 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬' ପ୍ରଣୟନ କରିଛନ୍ତି । ଏହି ଆଇନ ୩୧ ଡିସେମ୍ବର ୨୦୦୭ରୁ ଲାଗୁ ହୋଇଛି ।

# ଜଙ୍ଗଲ ଅଧିକାର ଆଇନର ମୂଳ ଆଭିମୁଖ୍ୟ:

ପ୍ରଣୀତ ଆଇନର ମୂଳ ଆଭିମୁଖ୍ୟଗୁଡିକ ହେଉଛି:

- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଓ ଜଙ୍ଗଲ ସମ୍ବଳ ଉପରେ ଥିବା ପାରମ୍ପାରିକ ଅଧିକାରକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା;
- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ଗ୍ରାମବାସୀମାନଙ୍କ ଦ୍ୱାରା କରାଯାଉଥିବା ପାରମ୍ପାରିକ ସୁରକ୍ଷା ବ୍ୟବସ୍ଥାକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥାକୁ ମଜବୁତ କରିବା;
- ମହିଳାଙ୍କ ଅଧିକାର, ଜଙ୍ଗଲ ଓ ଜଙ୍ଗଲ ଜୈବ ବିବିଧତାର ସଂରକ୍ଷଣ ପାଇଁ ସେମାନଙ୍କ ଭାଗୀଦାରିତାକୁ ସୁନିଶ୍ଚିତକରିବା;
- ଜଙ୍ଗଲ ଉପରେନିର୍ଭରଶୀଳ ସମ୍ପ୍ରଦାୟର ଜୀବିକା ଏବଂ ଖାଦ୍ୟନିରାପତ୍ତା ସୁନିଶ୍ଚିତ କରିବା;
- ଜୈବବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ସ୍ଥାନୀୟ ଜ୍ଞାନ କୌଶଳର ସୁରକ୍ଷା ଓ ଉପଯୋଗ କରିବା ।

# କ୍ଷମତାପନ୍ନ ଗ୍ରାମସଭା:

ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥାକୁ ମଜଭୂତ କରିବା ପାଇଁ ଗ୍ରାମସଭାକୁ ନିମ୍ନଲିଖିତ କ୍ଷମତା ପ୍ରଦାନ କରାଯାଇଛି –

- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ;
- ଜଳ ବିଭାଜିକା ଅଞ୍ଚଳ, ଜଳଉତ୍ସ ଏବଂ ଅନ୍ୟାନ୍ୟ ପରିବେଶ ସ୍ପର୍ଶକାତର ଅଞ୍ଚଳଗୁଡିକର ସୁରକ୍ଷାକୁ ସୁନିଶ୍ଚିତ କରିବା;
- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବାସସ୍ଥଳୀର ସୁରକ୍ଷା ଏବଂ କୌଣସି ଧ୍ୱଂସକାରୀ ପ୍ରକ୍ରିୟା ଦ୍ୱାରା ସେମାନଙ୍କର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ଯେକୌଣସି ପ୍ରକାର ବିନାଶକାରୀ ଅଭ୍ୟାସରୁ ସୁରକ୍ଷିତ ରଖିବାକୁ ସୁନିଶ୍ଚିତ କରିବା;
- ଗୋଷ୍ଠୀ ବନସମ୍ବଳର ବ୍ୟବହାର ନିୟନ୍ତ୍ରଣ ପାଇଁ ଗ୍ରାମସଭାରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଯେପରି କଡାକଡି ଭାବେ ପାଳନ କରାଯିବ ତାହାକୁ ସୁନିଶ୍ଚିତ କରିବା । ଏହାସହ ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଦିଗରେ ପ୍ରତିକୂଳ ପ୍ରଭାବ ପକାଉଥିବା ସମସ୍ତ କାର୍ଯ୍ୟକଳାପକୁ ବନ୍ଦ କରିବା;

- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ପାଇଁ 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି' ଗଠନ, 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା'କୁ ଅନୁମୋଦନ, ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ନିମନ୍ତେ ନିୟମ ପ୍ରସ୍ତୁତ କରିବା, ଅର୍ଥ ପରିଚାଳନା ପାଇଁ ବିଧି ଓ ବ୍ୟବସ୍ଥା ତିଆରିକରିବା ଓ ସମୟ ସମୟରେ ସମସ୍ତ କାର୍ଯ୍ୟକୁ ସମୀକ୍ଷା କରିବା।

## ଗ୍ରାମସଭାର ପ୍ରମୁଖ କ୍ଷମତା ତଥା ଦାୟିତ୍ୱ:

ଜଙ୍ଗଲ ଅଧିକାର ଆଇନରେ ପ୍ରଦତ୍ତ ଉପରୋକ୍ତ କ୍ଷମତାକୁ ଠିକ ଭାବେ ଲାଗୁ କରିବା ନିମନ୍ତେ, 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮' (ସଂଶୋଧିତ ନିୟମାବଳୀ ୨୦୧୨) ଓ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ତା:୧୨.୦୯.୨୦୨୩ରେ ଜାରି କରାଯାଇଥିବା ମାର୍ଗଦର୍ଶିକାରେ ଗ୍ରାମସଭାକୁ ନିମ୍ନଲିଖିତ କ୍ଷମତା ତଥା ଦାୟିତ୍ୱ ପ୍ରଦାନ କରାଯାଇଛି:

- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ପାଇଁ 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି' ଗଠନ କରିବା;
- ସାଙ୍ଗଠନିକ ବିଧି ଓ ବ୍ୟବସ୍ଥାର ନିୟମାବଳୀ ପ୍ରସ୍ତୁତ କରିବା;
- 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି'ର କାର୍ଯ୍ୟକୁ ତଦାରଖ ଓ ନିୟନ୍ତ୍ରଣ କରିବା;
- 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା' ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ ସୂଚନା, ତଥ୍ୟ, ରେକର୍ଡ, ମାନଚିତ୍ର ଓ ଅନ୍ୟାନ୍ୟ ଦଲିଲ ଯେପରି ଉପଲବ୍ଧ ହୋଇପାରିବ, ସେଥିପାଇଁ ପଦକ୍ଷେପ ନେବା;
- 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା' ପ୍ରସ୍ତୁତ ପ୍ରକ୍ରିୟାରେ ସମସ୍ତ ଗ୍ରାମବାସୀମାନଙ୍କ, ବିଶେଷତଃ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକ ଓ ମହିଳାମାନଙ୍କ ଭାଗୀଦାରିତାକୁ ସୁନିଶ୍ଚିତ କରିବା;
- 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି' ଦ୍ୱାରା ପ୍ରସ୍ତୁତ 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା'କୁ ଅନୁମୋଦନ କରିବା;
- ଅନୁମୋଦିତ 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା', ଯେପରି ବନ ବିଭାଗର ଅଣୁ-ଯୋଜନା ଅବା କାର୍ଯ୍ୟକାରୀ ଯୋଜନା ଅବା ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କରାଇବା;
- ଅନୁମୋଦିତ 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା'କୁ ସମୀକ୍ଷା କରିବା ଓ ତଦାନୁସାରେ ପଦକ୍ଷେପ ଗ୍ରହଣ କରିବା;
- 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା'କୁ କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ନିୟମାବଳୀ ପ୍ରସ୍ତୁତ ଓ ଅନୁମୋଦନ କରିବା;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମସଭା ନାମରେ ଯେକୌଣସି ଜାତୀୟକରଣ ବ୍ୟାଙ୍କ ଅବା ପୋଷ୍ଟ ଅଫିସ୍‌ରେ ବ୍ୟାଙ୍କ ଖାତା (କରେଣ୍ଟ ଆକାଉଣ୍ଟ) ଖୋଲିବା;
- 'ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ଲାଗୁ କରିବା ନିମନ୍ତେ ଆର୍ଥିକ ଅଟକଳକୁ ଅନୁମୋଦନ କରିବା ଓ ସମୀକ୍ଷା କରିବା;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ଆୟବ୍ୟୟ ବିବରଣୀ, ସମ୍ପତ୍ତି ଖାତା, ବୈଠକ ବିବରଣୀ ଖାତାକୁ ସମୟ ସମୟରେ ସମୀକ୍ଷା କରିବା, ଇତ୍ୟାଦି ।

## ଗ୍ରାମସଭା ବୈଠକ:

ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ ଗ୍ରାମସଭା ତାହାର ବୈଠକ ଡାକି ପାରିବ । ଅନ୍ତତଃପକ୍ଷେ ୬ ମାସରେ ଥରେ ବୈଠକ ହେବା ଦରକାର । ଏହି ବୈଠକଗୁଡିକରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ଓ ଅନୁମୋଦନ ବିଷୟରେ ଆଲୋଚନା କରାଯିବ। ସମ୍ପୃକ୍ତ ଗ୍ରାମପଞ୍ଚାୟତର ସମ୍ପାଦକ, ଉକ୍ତ ବୈଠକ ବାବଦରେ ଗ୍ରାମସଭାର ସମସ୍ତ ସଦସ୍ୟଙ୍କୁ ଅତି କମ୍‌ରେ ୭ ଦିନ ପୂର୍ବରୁ ସୂଚନା ଦେବେ । ଜରୁରୀକାଳୀନ ପରିସ୍ଥିତିରେ, ସଭା ଆୟୋଜନ ପାଇଁ ସାତ ଦିନର ବିଜ୍ଞପ୍ତି ଅବଧି ଛାଡ କରାଯାଇପାରେ ।

## ଗ୍ରାମସଭା ବୈଠକର କୋରମ:

- ଗ୍ରାମସଭା ବୈଠକର କୋରମ ସେହି ଗ୍ରାମସଭାର ସମସ୍ତ ସଦସ୍ୟା/ ସଦସ୍ୟ ସଂଖ୍ୟାର ଅନ୍ତତଃ ୫୦ ଭାଗ ସଦସ୍ୟା/ ସଦସ୍ୟ ଉପସ୍ଥିତ ରହିବା ଆବଶ୍ୟକ;
- ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅତିକମରେ ଏକ-ତୃତୀୟାଂଶ ମହିଳା ସଦସ୍ୟା ହୋଇଥିବା ଦରକାର;
- ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଓ ପରିଚାଳନା ସମ୍ବନ୍ଧୀୟ ଉପରେ ଯଦି କୌଣସି ନିଷ୍ପତ୍ତି ନିଆଯାଉଥାଏ, ଅତିକମରେ ୫୦ ପ୍ରତିଶତ ଜଙ୍ଗଲ ଅଧିକାର ଧାରକଙ୍କ  କିମ୍ବା ସେମାନଙ୍କର ପ୍ରତିନିଧି ଉପସ୍ଥିତ ରହିବା ଆବଶ୍ୟକ ଅଟେ;
- ନିଷ୍ପତ୍ତି ବୈଠକରେ ଉପସ୍ଥିତ ଓ ମତ ଦେଉଥିବା ସଦସ୍ୟା/ ସଦସ୍ୟମାନଙ୍କ ସାଧାରଣ ବହୁମତ ଦ୍ୱାରା ଗୃହୀତ ହେବ।

## ଗୋଷ୍ଠୀ ବନସମ୍ବଳ ଅଧିକାର ପରିଚାଳନା କମିଟି ଗଠନର ପ୍ରକ୍ରିୟା:

- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠନ ପାଇଁ ସର୍ବପ୍ରଥମ ବୈଠକ ସଂପୃକ୍ତ ଗ୍ରାମପଞ୍ଚାୟତର ସମ୍ପାଦକ ଆହ୍ୱାନ କରିବେ । ଗାଁର ପାରମ୍ପାରିକ ମୁଖିଆ ଅବା ସମ୍ପୃକ୍ତ ଗ୍ରାମସଭାର ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଉକ୍ତ ବୈଠକର ଅଧ୍ୟକ୍ଷତା କରିବେ ।
- ୫ ରୁ ୧୧ ଜଣ ସଦସ୍ୟ/ସଦସ୍ୟାଙ୍କୁ ନେଇ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠିତ ହେବ । ଏହି କମିଟିରେ ଅତି କମରେ ଦୁଇ-ତୃତୀୟାଂଶ ସଦସ୍ୟ/ସଦସ୍ୟା ଜଙ୍ଗଲ ଅଧିକାର ଧାରକ ହୋଇଥିବା ବାଞ୍ଛନୀୟ ଓ ଅତି କମରେ ଏକ ତୃତୀୟାଂଶ ମହିଳା ମଧ୍ୟ ରହିବେ ।
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ସଦସ୍ୟାମାନେ ଉକ୍ତ କମିଟିର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମନୋନୀତ କରିବେ ଏବଂ ଏବାବଦରେ ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ତଥା ଜିଲ୍ଲାସ୍ତରୀୟ ତଦାରଖ କମିଟିକୁ ସୂଚନା ଦେବେ ।
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟକାଳ ସର୍ବନିମ୍ନ ୩ ବର୍ଷ ଓ ସର୍ବାଧିକ ୫ ବର୍ଷ ରହିବ ଓ ଏହି ସକ୍ରାନ୍ତୀୟ ନିଷ୍ପତ୍ତି ଗ୍ରାମସଭା ଦ୍ୱାରା ନିଆଯାଇ ପାରିବ । ଯଦି ଏହି ସମୟରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କୌଣସି ସଦସ୍ୟ ପଦ ଖାଲି ହୁଏ, ତେବେ ଗ୍ରାମସଭା ନୂଆ ସଦସ୍ୟଙ୍କୁ ମନୋନୀତ କରିପାରିବ ।
- ଗ୍ରାମସଭା ଯଦି ଚାହେଁ, ତେବେ ସେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟା/ସଦସ୍ୟମାନଙ୍କୁ ଭତ୍ତା ପ୍ରଦାନ କରିପାରିବ। ଏ ସମ୍ପର୍କିତ ନିଷ୍ପତ୍ତି ଗ୍ରାମସଭା ବୈଠକରେ ସଂକଳ୍ପ ମାଧ୍ୟମରେ ସ୍ଥିରୀକୃତ ହେବା ଦରକାର ।

- ଜଙ୍ଗଲ ଅଧିକାର ଆଇନ ଓ ନିୟମାବଳୀ ଅଧୀନରେ ପୂର୍ବରୁ ଗଠିତ ଜଙ୍ଗଲ ସମ୍ପଦ ପରିଚାଳନା ପାଇଁ କୌଣସି କମିଟି କିମ୍ବା ଗ୍ରାମସଭା ସ୍ତରରେ ଜଙ୍ଗଲ ସମ୍ପଦ ପରିଚାଳନା ପାଇଁ ଅନ୍ୟ କୌଣସି ଅଣ-ବୈଧାନିକ କମିଟି ଥାଏ, ତାହାହେଲେ, ତାହାକୁ ବଦଳାଯାଇ, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠନ କରାଯିବ ।
- ଯେଉଁଠାରେ ଗୋଷ୍ଠୀ ବନ ସମ୍ବଳ ଅଧିକାର ଏକାଧିକ ଗ୍ରାମସଭା ଦ୍ୱାରା ସଂରକ୍ଷଣ ଓ ପରିଚାଳନା କରାଯାଉଛି ଓ ଆଇନ ଅଧୀନରେ ରେ ସ୍ୱୀକୃତି ପ୍ରଦାନ କରାଯାଇଛି, ସେଠାରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି, ସଂପୃକ୍ତ ଗ୍ରାମସଭାମାନଙ୍କ ମିଳିତ ବୈଠକରେ ଗଠନ କରାଯିବ ଏବଂ ଉକ୍ତ ମିଳିତ ବୈଠକ ଉପଖଣ୍ଡସ୍ତରୀୟ କମିଟିର ତତ୍ତ୍ୱାବଧାନରେ ହେବ ।

## ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟ:

- ଗ୍ରାମସଭା ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ ହେଉଥିବା କାର୍ଯ୍ୟଗୁଡିକୁ ସମ୍ପାଦନ କରିବ ଏବଂ ଏହି କମିଟି, ତାହାର ପ୍ରତିଟି କାର୍ଯ୍ୟ ପାଇଁ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବ;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ଓ ଗ୍ରାମସଭାର ଅନୁମୋଦନ କ୍ରମେ ତାହାକୁ କାର୍ଯ୍ୟକାରୀ କରିବା;
- ଗୋଷ୍ଠୀ ବନ ସମ୍ବଳ ଯୋଜନା ପ୍ରସ୍ତୁତ କରିବା ସମୟରେ, ଜଙ୍ଗଲ ଅଧିକାର ଧାରକମାନଙ୍କ ମତାମତକୁ ସୁନିଶ୍ଚିତ କରିବା;
- ସ୍ୱୀକୃତି ପ୍ରାପ୍ତ ଗୋଷ୍ଠୀ ବନ ସମ୍ବଳ ପରିସୀମା ମଧ୍ୟରେ ଥିବା ବନ୍ୟଜନ୍ତୁ, ଜଙ୍ଗଲ, ଜୈବବିବିଧିତା, ଜଳଉତ୍ସ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା ପ୍ରଦାନ କରିବା;
- ସମସ୍ତ ନଥିପତ୍ର ଓ ଦସ୍ତାବିଜର ନଥିକରଣ ଓ ରକ୍ଷଣାବେକ୍ଷଣ କରିବା ।

## ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତା:

- ଚିଠା 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା' ପ୍ରସ୍ତୁତ ନିମନ୍ତେ ଗ୍ରାମସଭା, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିକୁ କ୍ଷମତା ପ୍ରଦାନ କରିବ;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା' ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ ସୂଚନା, ତଥ୍ୟ, ରେକର୍ଡ, ମାନଚିତ୍ର ଓ ଅନ୍ୟାନ୍ୟ ଦଲିଲର ନକଲ ସଂଗ୍ରହ । ଏଥିପାଇଁ ଗ୍ରାମସଭା ସମ୍ପୃକ୍ତ ସରକାରୀ ବିଭାଗକୁ ଚିଠି ପଠାଇବ ଅବା ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିକୁ କ୍ଷମତା ପ୍ରଦାନ କରିପାରିବ;
- ଗ୍ରାମସଭା/ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଠାରୁ ଲିଖିତ ଚିଠି ପାଇବା ପରେ ସଂପୃକ୍ତ ସରକାରୀ ସଂସ୍ଥା ଆବଶ୍ୟକ ସୂଚନା, ତଥ୍ୟ, ରେକର୍ଡ, ମାନଚିତ୍ର ଓ ଅନ୍ୟାନ୍ୟ ଦଲିଲର ନକଲ ତୁରନ୍ତ ପ୍ରଦାନ କରିବେ;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା ପ୍ରସ୍ତୁତ ବେଳେ ଜଙ୍ଗଲ ଅଧିକାର ଧାରକମାନଙ୍କ ମତାମତକୁ ବିବେଚନା କରିବା ଦରକାର;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ଚିଠା ଯୋଜନାକୁ ଗ୍ରାମସଭାରେ, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଉପସ୍ଥାପନ କରିବ;

- ଗ୍ରାମସଭା ଦ୍ୱାରା ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା ଅନୁମୋଦନ ହେବା ପରେ, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଏ ବାବଦରେ ସ୍ଥାନୀୟ ବନ ବିଭାଗ ସହ ଯୋଗାଯୋଗ କରି, ପ୍ରସ୍ତୁତ ଯୋଜନାକୁ ବନ ବିଭାଗ ଯୋଜନାରେ, ଯଥା – ଅଣୁ ଯୋଜନା ବା ପରିଚାଳନା ଯୋଜନା ବା କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ପ୍ରେରଣ କରିବ ।

## ଜିଲ୍ଲାସ୍ତରୀୟ ଗୋଷ୍ଠୀବନ ସମ୍ବଳ ତଦାରଖ କମିଟି ନିମ୍ନଲିଖିତ କାର୍ଯ୍ୟ କରିବ:

- ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ବନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗ ସହିତ ଯୋଗାଯୋଗ କରିବା ସମେତ ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ ସହାୟତା ଯଥା - କାର୍ଯ୍ୟକାରୀ କିମ୍ବା ପରିଚାଳନା ଯୋଜନାର ନକଲ, ମାନଚିତ୍ର, ତଥ୍ୟ ଆଦି ପ୍ରଦାନ କରିବା ।
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ବିକାଶ ନିମନ୍ତେ ଗ୍ରାମସଭା କିମ୍ବା ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିକୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ।
- ଗ୍ରାମସଭାକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ସଂସ୍ଥା ଭାବେ ବିବେଚନା କରିବା । ମୃତ୍ତିକା ସଂରକ୍ଷଣଠାରୁ ଆରମ୍ଭ କରି ବାଉଁଶ, କେନ୍ଦୁ ଏବଂ ଲଘୁବନଜାତ ଦ୍ରବ୍ୟ ପରିଚାଳନା, ବନୀକରଣ, ନର୍ସରୀ, ସଡକ ନିର୍ମାଣ, ଜଳ ସଂରକ୍ଷଣ ସଂରଚନା କିମ୍ବା ଯେକୌଣସି ପୁନରୁଦ୍ଧାର କାମ ନିମନ୍ତେ ଆର୍ଥିକ ସହାୟତା ବିଭିନ୍ନ ଯୋଜନାଗୁଡିକରୁ ଉପଲବ୍ଧ କରାଇବା ।

## ଅର୍ଥ ପରିଚାଳନା:

ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟ ସହ ଜଡିତ ଆୟ ଓ ବ୍ୟୟ ସମ୍ପର୍କିତ ସମସ୍ତ କାର୍ଯ୍ୟକଳାପ ପାଇଁ ଗ୍ରାମସଭା ଦାୟୀ ରହିବ । ଅର୍ଥ ପରିଚାଳନା ନିମନ୍ତେ ନିମ୍ନଲିଖିତ ନିୟମଗୁଡିକ ଅନୁସରଣ କରାଯିବା ଆବଶ୍ୟକ: -

- ଗ୍ରାମସଭାର ଅନୁମୋଦନ କ୍ରମେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଯେକୌଣସି ଜାତୀୟକରଣ ବ୍ୟାଙ୍କ ଅବା ପୋଷ୍ଟ ଅଫିସ୍‌ରେ ଗ୍ରାମସଭା ନାମରେ ଏକ ଆକାଉଣ୍ଟ ଖୋଲିବ;
- ଏହି ବ୍ୟାଙ୍କ ଖାତା, ଗ୍ରାମସଭା ଦ୍ୱାରା ଅନୁମୋଦିତ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା ଦ୍ୱାରା ପରିଚାଳିତ ହେବ । ଗ୍ରାମସଭା ଦ୍ୱାରା ଅନୁମୋଦିତ ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଅର୍ଥ ବ୍ୟବହାର ହେବ;
- ଗ୍ରାମସଭା ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ନିୟମାବଳୀ ଗ୍ରାମସଭା ପ୍ରସ୍ତୁତ କରିବ । ଏହି ନିୟମାବଳୀ ମୁଖ୍ୟତଃ ଅଧିକାର ଧାରକମାନଙ୍କ ମଧ୍ୟରେ ରାଜସ୍ୱ ବଣ୍ଟନ, ବଜେଟ, ବ୍ୟୟବରାଦ ଆଦି ରହିବ;
- ଗ୍ରାମସଭା ଦ୍ୱାରା କ୍ଷମତା ପ୍ରାପ୍ତ ସଦସ୍ୟ/ସଦସ୍ୟାମାନେ ଆର୍ଥିକ କାର୍ଯ୍ୟକଳାପ ପାଇଁ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବେ;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଆର୍ଥିକ ପରିଚାଳନା ସହ ଜଡିତ ଅଡିଟ ଏବଂ ଆକାଉଣ୍ଟିଂ ପଦ୍ଧତି, ସମ୍ପୃକ୍ତ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଲାଗୁ ହୋଇଥିବା ନିୟମାନୁସାରେ ପରିଚାଳିତ ହେବ;

- ଗ୍ରାମସଭା ଦ୍ୱାରା ଧାର୍ଯ୍ୟ, ପ୍ରାଧିକୃତ ଏବଂ ଗ୍ରାମସଭା ବୈଠକ ଖାତାରେ ଦର୍ଜ ହୋଇଥିବା ନିୟମ ଅନୁଯାୟୀ ସମସ୍ତ ଖର୍ଚ୍ଚ ପରିଚାଳିତ ହେବ । ଗ୍ରାମସଭା ଦ୍ୱାରା କ୍ଷମତା ପ୍ରାପ୍ତ ସଦସ୍ୟ/ସଦସ୍ୟାମାନେ କେତେ ଅର୍ଥ ଖର୍ଚ୍ଚ କରିପାରିବେ, ତାହାର ଏକ ପରିସୀମା ଗ୍ରାମସଭା ଦ୍ୱାରା ନିର୍ଦ୍ଧାରିତ ହେବା ଆବଶ୍ୟକ । ନିର୍ଦ୍ଧାରିତ ପରିସୀମା ଠାରୁ ଯଦି ଅଧିକ ଅର୍ଥର ଆବଶ୍ୟକତା ଥାଏ, ତାହାହେଲେ ଗ୍ରାମସଭା ଦ୍ୱାରା ଅନୁମତି ପ୍ରାପ୍ତ ହେଲା ପରେ ହିଁ ଅର୍ଥ ଖର୍ଚ୍ଚ କରାଯାଇ ପାରିବ;
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି, ଆୟ ଓ ବ୍ୟୟର ସମସ୍ତ ବିବରଣୀକୁ ଆର୍ଥିକ ପରିଚାଳନା ପାଇଁ ଉଦ୍ଦିଷ୍ଟ ନଥିପତ୍ର, ଯଥା – ଲେଜର ଏବଂ କ୍ୟାସ ବୁକ୍‌ରେ ସଠିକଭାବେ ରେକର୍ଡଭୁକ୍ତ କରାଯିବ;
- ମଜୁରୀ ପ୍ରଦାନ ପାଇଁ ଖର୍ଚ୍ଚ କରାଯାଉଥିବା ଅର୍ଥ ସ୍ୱଚ୍ଛ ଢ଼ଙ୍ଗରେ ହେବା ଦରକାର । ଏଥିପାଇଁ ନଗଦ ଦେୟକୁ ଯଥାସମ୍ଭବ ଏଡାଇ ଦିଆଯିବାକୁ ଚେଷ୍ଟା କରାଯିବା ଦରକାର;
- ଗ୍ରାମସଭା, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଆୟବ୍ୟୟ ବିବରଣୀ, ସମ୍ପତ୍ତି ଖାତା (ଆସେଟ୍ ରେଜିଷ୍ଟର), ବିବରଣୀ ଖାତାକୁ ସମୟ ସମୟରେ ସମୀକ୍ଷା କରିବା ଦରକାର । ଅନ୍ତତଃ ପ୍ରତି ୩ ମାସରେ ଥରେ ଗ୍ରାମସଭାର ଅନୁମୋଦନ କରାଯିବା ଦରକାର ।
- ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଅଧିକାରୀମାନଙ୍କର ଯାଞ୍ଚ ପାଇଁ ଗ୍ରାମସଭାର ଆକାଉଣ୍ଟ ବିବରଣୀ ଖୋଲା ରହିବ ।
- ଆର୍ଥିକ ବର୍ଷ ସମାପ୍ତିର ତିନିମାସ ମଧ୍ୟରେ ରାଜସ୍ୱ ଏବଂ ବ୍ୟୟବରାଦର ବାର୍ଷିକ ବିବରଣୀ ଗ୍ରାମସଭା ଦ୍ୱାରା ଅନୁମୋଦିତ ହେବ ଏବଂ ତା'ପରେ ଚାର୍ଟାର୍ଡ ଆକାଉଣ୍ଟଙ୍କ ଦ୍ୱାରା ଅଡିଟ୍ କରାଯିବ ଏବଂ ଜିଲ୍ଲାସ୍ତରୀୟ ଗୋଷ୍ଠୀବନ ସମ୍ବଳ ତଦାରଖ କମିଟିର ସୂଚନା ଏବଂ ନଥିକରଣ ନିମନ୍ତେ, ଅଡିଟ ରିପୋର୍ଟ ର ଏକ ଏକକିତା ପଠାଯିବ ।

## ଅର୍ଥର ଉତ୍ସ:

ନିମ୍ନଲିଖିତ ଉତ୍ସଗୁଡିକରୁ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ପାଇଁ ଆବଶ୍ୟକ ଅର୍ଥ ଆସିପାରେ -

- ସମସ୍ତଙ୍କ ସହମତି ଭିତ୍ତିରେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିରୁ ଲବ୍ଧ ଅର୍ଥ;
- ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଠାରୁ ପ୍ରାପ୍ତ ଅନୁଦାନ/ ଅର୍ଥ;
- ଜଙ୍ଗଲ ବିଭାଗଠାରୁ ପ୍ରାପ୍ତ ଅର୍ଥ ଜଙ୍ଗଲର ବିକାଶ ପାଇଁ ଖର୍ଚ୍ଚ କରାଯାଇ ପାରିବ ।

